ବାୱା ନିହାଲ ସିଂହ

ବନାମ

ପଞ୍ଜାବ ରାଜ୍ୟ, ଜମି ଅଧିଗ୍ରହଣ କଲେକ୍ଟର, ଫରିଦକୋଟ ଙ୍କ ମାଧ୍ୟମରେ

1 ନଭେମ୍ବର, 1995

[କେ. ରାମାସ୍ୱାମୀ ଏବଂ ବି.ଏନ୍. କିର୍ପାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅଭ୍ୟାସ ଓ ପ୍ରକ୍ରିୟା:*

*ନ୍ୟାୟାଳୟଙ୍କ ସୂଚନାର ଅନୁପାଳନ ନକରିବା –ବାକିଆ ପ୍ରକ୍ରିୟା ଶୁଳ୍କ ପୈଠ ନକରିବା ଏବଂ ଆବେଦନ ଦାଖଲ ନକରିବା - ପାଳନ କରିବା ପାଇଁ ସମୟ ଦିଆଯାଇଥିଲା ଏବଂ ଖିଲାପିରେ ଆବେଦନ ଖାରଜ ହେବ ବୋଲି ଆଦେଶ ଦିଆଯାଇଥିଲା -ଆଦେଶ ସ୍ୱୟଂ-କାର୍ଯ୍ୟକାରିତା ଦ୍ୱାରା, ଆବେଦନଗୁଡ଼ିକ ଖାରଜ ହୋଇଯାଏ - ଫଳସ୍ୱରୂପ ସମାପ୍ତି ଘଟିଥିବା ଯୋଗୁଁ ଅପିଲ ସମ୍ପୂର୍ଣ୍ଣ ରୂପେ ଖାରଜ ହୋଇଯାଏ ।*

**ଏହି ଅପିଲରେ ଅନେକ ଚିଠି ସତ୍ତ୍ୱେ, ବାକିଆ ପ୍ରକ୍ରିୟା ଶୁଳ୍କ ଦିଆଯାଇନଥିଲା ଏବଂ ଆବେଦନ ଦାଖଲ କରାଯାଇନଥିଲା । ଯେତେବେଳେ ଏହି ମାମଲା ପୁଣି ତାଲିକାଭୁକ୍ତ ହେଲା, ସେତେବେଳେ ସୂଚନା ମିଳିଲା ଯେ ଜଣେ ଅପିଲକାରୀଙ୍କର ମୃତ୍ୟୁ ହୋଇଛି ଏବଂ ତାଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଆଣିବାକୁ ପଡିବ; ଏବଂ ନିଅଣ୍ଟ ପ୍ରକ୍ରିୟା ଶୁଳ୍କ ଜମା କରାଯାଇ ନଥିଲା ଏବଂ ଆବେଦନ ଦାଖଲ କରାଯାଇ ନଥିଲା । ଆଉ ଏକ ସୂଚନା ଜାରି କରାଯାଇଥିଲା, କିନ୍ତୁ କୌଣସି ଅନୁପାଳନ ହୋଇନଥିଲା । ପୁଣି ଥରେ ଏହି ମାମଲାଟି 2.1.95ରେ ତାଲିକାଭୁକ୍ତ ହୋଇଥିଲା ଏବଂ ଏହି ନ୍ୟାୟାଳୟ, କାର୍ଯ୍ୟାଳୟର ଆପତ୍ତିଗୁଡ଼ିକର ପାଳନ ପାଇଁ ଚାରି ସପ୍ତାହ ସମୟ ଦେଇଥିଲେ ଏବଂ ଆଦେଶ ଦେଇଥିଲେ ଯେ ଖିଲାପ ହେଲେ ଦେୱାନୀ ବିବିଧ ଆବେଦନ ଖାରଜ ହୋଇଯିବ ।**

**ମାମଲାର ଫଇସଲା କରି, ଏହି ନ୍ୟାୟାଳୟ**

ନିର୍ଣ୍ଣୟ କଲେ : ଏହି ନ୍ୟାୟାଳୟଙ୍କ 2.1.95 ତାରିଖର ଆଦେଶକୁ ଦୃଷ୍ଟିରେ ରଖି, ଉକ୍ତ ଆଦେଶର ସ୍ୱୟଂ-କାର୍ଯ୍ୟକାରିତା ଦ୍ୱାରା ହୋଇଥିବା ଆବେଦନଗୁଡ଼ିକ ଖାରଜ କରାଗଲା । ଫଳସ୍ୱରୂପ ଏହି ଅପିଲକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଖାରଜ କରିବା ଆବଶ୍ୟକ ।

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 8392/1983.

ଆର୍.ଏଫ୍.ଏ. ସଂଖ୍ୟା 94/1975ରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 11.9.79 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜେ.ଡି. ଜୈନଙ୍କ ପାଇଁ ଶ୍ରୀମତୀ କମଲଜୀତ କୋଚ୍ଚର ।

ଉତ୍ତରଦାତାଙ୍କ ପାଇଁ ଜି.କେ. ବଂଶଲଙ୍କ ପାଇଁ ରଣବୀର ଯାଦବ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଏହି ପ୍ରସଙ୍ଗଟିକୁ ଯତ୍ନର ସହ ବିଚାର କରାଯାଉନାହିଁ । 25 ଅକ୍ଟୋବର, 1994 ତାରିଖର କାର୍ଯ୍ୟାଳୟ ବିବରଣୀରୁ ଦେଖାଯାଏ ଯେ 3.5.1993 ତାରିଖରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ସୂଚନା ଜାରି ହେବା ପରେ, ଅପିଲକାରୀଙ୍କ ପାଇଁ ଓକିଲଙ୍କୁ 15.5.1993, 13.6.1994, 15.7.1994 ଏବଂ 6.8.1994 ତାରିଖରେ ଆବଶ୍ୟକୀୟ ନିଅଣ୍ଟ ପ୍ରକ୍ରିୟା ଶୁଳ୍କ ପଇଠ କରିବା ଏବଂ ଆବେଦନଗୁଡିକର ନକଲ ଦାଖଲ କରିବା ପାଇଁ ଏକ ଖିଲାପି ସର୍ତ୍ତ ସହିତ ଚିଠି ଜାରି କରାଯାଇଥିଲା । ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ପୁଣି ଯେତେବେଳେ 3.5.1993ରେ ଏହି ମାମଲା ତାଲିକାଭୁକ୍ତ ହେଲା, ସେତେବେଳେ ଜଣାପଡ଼ିଲା ଯେ ଜଣେ ଅପିଲକାରୀଙ୍କ ମୃତ୍ୟୁ ହୋଇଛି ଏବଂ ତାଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଅଣାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ସୂଚନା ଗ୍ରହଣ କରିବାକୁ ଏବଂ ବିବିଧ ଆବେଦନ ସହିତ ପ୍ରକ୍ରିୟା ଶୁଳ୍କ ଜମା କରିବାକୁ କୁହାଯାଇଥିଲା । ଏହି ନ୍ୟାୟାଳୟର ରେଜିଷ୍ଟ୍ରି ଆବଶ୍ୟକ ପ୍ରକ୍ରିୟା ଶୁଳ୍କ ସହିତ ଆବେଦନର ନକଲ ଦେବା ପାଇଁ ଓକିଲଙ୍କୁ ସୂଚନା ଦେଇଥିଲେ, କିନ୍ତୁ ତାହା ମଧ୍ୟ କରାଯାଇନଥିଲା । ଯେତେବେଳେ 2.1.1995ରେ ପୁଣି ଏହି ମାମଲାଟି ପରବର୍ତ୍ତୀ ନିର୍ଦ୍ଦେଶ ପାଇଁ ନ୍ୟାୟାଳୟରେ ଉପସ୍ଥାପିତ ହେଲା, ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ: "କାର୍ଯ୍ୟାଳୟର ଆପତ୍ତିଗୁଡ଼ିକର ପାଳନ ପାଇଁ ଚାରି ସପ୍ତାହ ସମୟ । ଖିଲାପ କଲେ, ଦେୱାନୀ ବିବିଧ ଆବେଦନ ସଂଖ୍ୟା 4315-17/87 ଖାରଜ ହୋଇଯିବ ।" ତେଣୁ, ଉକ୍ତ ଆଦେଶର ସ୍ୱୟଂ-କାର୍ଯ୍ୟକାରିତା ଦ୍ୱାରା ଆବେଦନଗୁଡ଼ିକ ଖାରଜ ହୋଇଛି ।

ଫଳସ୍ୱରୂପ, ଅପିଲକୁ, ସମ୍ପୂର୍ଣ୍ଣ ସମାପ୍ତି ହୋଇଥିବା ଯୋଗୁଁ ଖାରଜ କରାଯିବା ଆବଶ୍ୟକ । ସେହି ଅନୁଯାୟୀ ଏହାକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।